# Akashvani, Sambalpur

## SAMBALPURI NEWS EVENING BULLETIN

## 12 April 2026-7.02- 7.12 pm.

---

୧- ମହିଲା ସଂରକ୍ଷଣ୍ ଆଇନ୍‌କେ କାର୍ଯ୍ୟକାରୀ କର୍‌ବାର୍ ଲାଗି ଆଏବା ଗୁରୁବାର୍‌ନୁ ମୁଲ୍ ହେବା ସଂସଦ୍ ନ ସ୍ୱତନ୍ତ୍ର ଅଧିବେଶନ୍ ।

୨- ମହିଳାମାନ୍‌କର୍ ଲାଗି ୩୩ ପ୍ରତିଶତ୍ ସଂରକ୍ଷଣ୍‌ର ବ୍ୟବସ୍ଥା - ଆହୁରି ବର୍‌କସ୍ କର୍‌ବା- କହେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

୩- ପୁରୀ ଶ୍ରୀମନ୍ଦିର୍ ନ ଆଏବା କାଏଲ୍‌ଠାନୁ ହେବା ଭିତର ରତ୍ନଭଣ୍ଡାର୍ ଗନ୍‌ତିମନ୍‌ତି କାମ୍ ।

୪- ବିଶିଷ୍ଟ ପ୍ରଚ୍ଛଦପଟ ଗାୟିକା ଆଶା ଭୋସ୍‌ଲେଙ୍କର୍ ପରଲୋକ ।

ଆଉର୍

୫- ରାଏଜେ ଜବର୍ ଗରମ୍ ଲାଗି ୧୧ ଟା ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ଜାରି କଲା ସତର୍କ ସୂଚ୍‌ନା ।

ନାରୀ ଶକ୍ତି ବନ୍ଦନ ଆର୍‌ଏନ୍‌ୟୁ/ ସମ୍ବଲପୁର

ସଂସଦ୍ ନ ଆଏବା ଗୁରୁବାର୍‌ନୁ ଶନିବାର୍‌ତକ୍ ନାରୀଶକ୍ତି ଲାଗି ସ୍ୱତନ୍ତ୍ର ଅଧିବେଶନ୍ ହେବା । ମହିଲା ସଂରକ୍ଷଣ୍ ଆଇନ୍‌କେ କାର୍ଯ୍ୟକାରୀ କର୍‌ବାର୍ ଲାଗି ସମିଆ ଆଇଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ୨୦୨୯ ଲୋକସଭା ଆଉ ବିଧାନ୍‌ସଭା ନିର୍ବାଚନ୍‌ଥି ମହିଲାମାନ୍‌କର୍ ଲାଗି ସଂରକ୍ଷଣ୍ ବ୍ୟବସ୍ଥା ଲାଗୁ କରାଯିବା । ସଂସଦ୍ ନ ହେବାର୍‌କେ ଥିବା ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ୍ ଆଘୋନୁ ଲୋକ୍‌ସଭା ଆଉ ରାଜ୍ୟସଭାର୍ ନେତୃମଣ୍ଡଳୀମାନ୍‌କୁ ଚିଠି ଲେଖିକରି ଶ୍ରୀ ମୋଦୀ ମହିଲା ସଂରକ୍ଷଣ୍ ଆଇନ୍‌କେ ପାରିତ୍ କର୍‌ବାର୍ ଲାଗି ଅନୁରୋଧ୍ କରିଛନ୍ । ପ୍ରଧାନ୍‌ମନ୍ତ୍ରୀ କହିଛନ୍, ବହୁତ୍‌ଟେ ବିଚାର୍ ବିମର୍ଷ ଉତ୍‌ରୁ ଦେଶେ ନାରୀ ଶକ୍ତି ବନ୍ଦନ୍ ଅଧିନିୟମ୍‌କେ କାର୍ଯ୍ୟକାରୀ କରାଯିବାର୍‌କେ ନିଷ୍ପତି ନିଆଯାଇଛେ । ସଂସଦ୍‌ର ବଜେଟ୍ ଅଧିବେଶନ୍‌ର ସମିଆକେ ଇ ବାବଦ୍ ଆଲୋଚନା ଲାଗି ବଢ଼ାଯାଇଛେ । ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଇ ଆଇନ୍ କାର୍ଯ୍ୟକାରୀ ହେଲେ ଲୋକ୍‌ସଭା ନ ଆସନ୍ ସଂଖ୍ୟା ୮ ଶହ ୧୬ କେ ବଢ଼୍‌ବା । ସେଥିର୍‌ଭିତ୍‌ରୁ ୨

ଶହ ୭୩ ଟା ଆସନ୍ ମହିଳାମାନ୍କର୍ ଲାଗି ସଂରକ୍ଷିତ୍ ରହେବା । ୨୦୨୩ ମସିହାଥି ସମ୍ବିଧାନ୍ ସଂଶୋଧନ୍ ଜରିଏ ଲୋକ୍ସଭା ଆଉ ରାଜ୍ୟ ବିଧାନ୍ସଭା ମାନ୍କେ ମହିଳାମାନ୍କର୍ ଲାଗି ୩୩ ପ୍ରତିଶତ୍ ଆସନ୍ ସଂରକ୍ଷଣ୍ରେ ବ୍ୟବସ୍ଥା ରହିଛେ ।

ଇ ସ୍ୱତନ୍ତ୍ର ଅଧିବେଶନ୍ଥି ଉପସ୍ଥିତ୍ ରହେବାର୍କେ ବିଜେପି ତରଫୁ ହ୍ୱିପ୍ ଜାରି କରାଯାଇଛେ । ଦୁହି ସଦନ୍ ନ ଦଳୀୟ ସଦସ୍ୟ ଉପସ୍ଥିତ୍ ରହେବାର୍କେ ବାଧ୍ୟତାମୂଳକ୍ କରାଯାଇଛେ । ଇଥିର୍ଲାଗି ଆଏଜ୍ ଭୁବ୍ନେଶ୍ୱର୍ ବିଜେପି କାର୍ଯ୍ୟାଳୟ ନ ଗୁଟେ ସାମ୍ବାଦିକ୍ ସମ୍ମିଲନୀରୁଛ ନାରୀ ଶକ୍ତି ବନ୍ଦନ୍ ଅଧିନିୟମ୍ ଦେଶର୍ ନାରୀଶକ୍ତିକେ ୨୦୨୯ ମସିହାଥି ସଂସଦ୍ ଆଉ ବିଧାନ୍ସଭା ନ ଖାଲି ଏକତୃତୀୟାଂଶ ସଂରକ୍ଷଣ୍ ନାଇଁଦିଏ ବରଂ ୨୦୪୭ ମସିହାଥି ବିକଶିତ୍ ଭାରତ୍ ସପନ୍ର ସଫଲ୍ ରୂପାୟନ୍ କର୍ବାର୍ ଲାଗି ଆଧାର୍ଶୀଳା ହେବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ୩୩ ପ୍ରତିଶତ୍ ମହିଳା ସଂରକ୍ଷଣ ବ୍ୟବସ୍ଥା ଦେଶେ ମହିଳାମାନ୍କର୍ ସ୍ୱର୍କେ ଆହୁରି ବର୍କସ୍ କର୍ବା । ଆଘର୍ନୁ ମହିଳାମାନେ ଅଏତ୍କା ସଶକ୍ତ ହେଇଛନ୍ । ପୁରୁଷମାନ୍କର୍ ନୁ

ମହିଲା ଭୋଟରଙ୍କର୍ ପ୍ରତିଶତ୍ ଅଏତ୍‌କା ରହିଛେ ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

(ଭଏସ୍ ଓଭର୍- ପ୍ରଭାତୀ ପରିଡ଼ା)

ନାରୀ ଶକ୍ତି ବନ୍ଦନ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ନ ଆୟୋଜିତ୍ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ଯୋଗ୍ ଦେଇକରି କଳାହାଣ୍ଡି ସାଂସଦ୍ ମାଳବିକା ଦେବୀ-ନାରୀ ଶକ୍ତି ବନ୍ଦନ୍ ଅଧିନିୟମ୍ -୨୦୨୩ ର ମହତ୍ୱ ବାବ୍‌ଦେ କହିଛନ୍ । ସେ କହିଛନ୍, ଇ ଐତିହାସିକ୍ ସାମ୍ବିଧାନିକ୍ ସଂଶୋଧନ୍ ଜରିଏ ଲୋକ୍‌ସଭା ଆଉ ରାଜ୍ୟ ବିଧାନ୍‌ସଭା ମାନ୍‌କେ ମହିଳାମାନ୍‌କର୍ ଲାଗି ୩୩ ପ୍ରତିଶତ୍ ଆସନ୍ ସଂରକ୍ଷିତ୍ ରହେବା । ଯେନ୍‌ଟା ସେମାନ୍‌କୁ ନୀତି ନିର୍ଦ୍ଧାରଣ୍ ପ୍ରକ୍ରିୟାଥି ସାମିଲ୍ କର୍‌ବା ବଲି ସେ କହିଛନ୍ ।

ରାମାଭିଷେକ ନୀତି ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ମାହାପୁରୁମାନ୍‌କର୍ ପବିତ୍ର ରାମାଭିଷେକ୍ ନୀତି କରାଯିବା । ଇତାର୍‌ସହେତେ ଶ୍ରୀରାମ୍ ନବମୀ ନୁ ମୁଲ୍ ହେଇଥିବା ଶ୍ରୀକ୍ଷେତ୍ର ସାହିଜାତ ଭିଲ୍ ଶେଷ୍ ହେବା । ମଧ୍ୟାହ୍ନ ଧୂପ ନୀତି ଶେଷ୍ ହେବାର୍ ଉତ୍‌ରୁ ନକ୍ଷତ୍ର ଦିଅଁ ଭିତର୍‌କେ ବିଜେ କରିଛନ୍ । ଜୟବିଜୟ ଦ୍ୱାର ନ ଭୋଗ ଆଉ ବନ୍ଦାପନା ନୀତି ଉତ୍‌ରୁ ଦିଅଁ ଦକ୍ଷିଣି ଘର୍‌କେ ବିଜେ କରିଛନ୍ । ଅଲ୍‌ଗା ନୀତି ସର୍‌ବାର୍ ଉତ୍‌ରୁ ଶ୍ରୀରାମ, ଲକ୍ଷ୍ମଣ ଆଉ ଦେବୀ ସୀତାଙ୍କୁ ପାଲିଙ୍କି ବିଜେ କରାଯାଇକରି ଜଗନ୍ନାଥ ବଲ୍ଲଭ ମଠକେ ନିଆଯିବା । ସେନ ଗଉଡ଼ବାଡ଼ି ସାହି ଆଖଡ଼ା ତର୍‌ଫୁ ଶ୍ରୀ ରାମଙ୍କର୍ ଅଭିଷେକ୍ ନୀତି ହେବାର୍ ଉତ୍‌ରୁ ଶ୍ରୀମନ୍ଦିର୍‌କେ ମାହାପୁରୁ ବାହୁଡ଼ା ବିଜେ କର୍‌ବେ । ପବିତ୍ର ରାମାଭିଷେକ୍ ନୀତି ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ଶ୍ରୀଜଗନ୍ନାଥ୍ ସଂସ୍କୃତିର୍ ସମନ୍ୱୟର୍ ପ୍ରତୀକ ସ୍ୱରୂପ ଶ୍ରୀରାମନବମୀ ନୁ ଚାଲିଥିବା ଇ ମନୋରମ ନୀତି ଆଉ ଲୋକକଲା ଆମର୍ ସାଂସ୍କୃତିକ୍ ଐତିହ୍ୟକେ ଅଏତ୍‌କା ଜୀବନ୍ତ କରିଛେ ।

ରତ୍ନଭଣ୍ଡାର୍ ଗନ୍‌ତିମନ୍‌ତି      ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏବା କାଏଲ୍ ଠାନୁ ଭିତର୍ ରତ୍ନଭଣ୍ଡାର୍ ଗନ୍‌ତିମନ୍‌ତି କାମ୍ ମୁଲ୍ ହେବା । ଇ ବାବ୍‌ଦେ ଆଏଜ୍ ଶ୍ରୀମନ୍ଦିର୍ କାର୍ଯ୍ୟାଲୟ ନ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଭିତର ରତ୍ନଭଣ୍ଡାର୍ ଗନ୍‌ତିମନ୍‌ତି କାମ୍‌କେ ଶୃଙ୍ଖଲିତ୍ କର୍‌ବାର୍ ଲାଗି ଆଲୋଚନା ହେଇଛେ । ରତ୍ନଭଣ୍ଡାର୍ ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ ଆଭାସୀ ଜରିଏ ଯୋଗ୍ ଦେଇଛନ୍ । ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଲ୍, ଆରକ୍ଷୀ ଅଧିକ୍ଷକ, ସେବାୟତ୍ ପ୍ରତିନିଧି ପ୍ରମୁଖ୍ ବୈଠକ୍‌ଥି ଉପସ୍ଥିତ୍ ଥିଲେ । ବାହାର ରତ୍ନଭଣ୍ଡାର ଅଲଙ୍କାର୍ ଗନ୍‌ତି ମନ୍‌ତି କାମ୍ ଗଲାକାଏଲ୍ ଶେଷ୍ ହେଇଛେ । ୧୯୭୮ମସିହା ତାଲିକା ଅନ୍‌ସାରେ ବାହାର ରତ୍ନଭଣ୍ଡାର୍ ନ ଶହେ ୧୮ ପ୍ରକାରର୍ ଅଲଙ୍କାର୍ ଥିଲା । ସେଆଡ଼େ ଭଣ୍ଡାର ମେକାପ ଅଏତ୍‌କା ଅଲଙ୍କାର୍ ଥିବା ବାବ୍‌ଦେ ସୂଚ୍‌ନା ଦେବାର୍ ଉତ୍‌ରୁ ଇ ସଂଖ୍ୟା ଶହେ ୪୭ଥି ପୁହୁଁଚିଥିବାର୍ ଜନାପଡ଼ିଛେ ।

ଆଶା ଭୋସ୍‌ଲେ ପରଲୋକ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ବର୍ଷିଆନ୍ ପ୍ରଚ୍ଛଦପଟ ଗାୟିକା ପଦ୍ମବିଭୂଷଣ୍ ଆଶା ଭୋସ୍‌ଲେଙ୍କର୍ ମୁମ୍ବାଇ ନ ଆଏଜ୍ ୯୨ବଛର୍ ବୟେସେ ପରଲୋକ ହେଇଯାଇଛେ । ଶାରୀରିକ ଅସୁସ୍ଥତା କାରଣ୍‌ନୁ ଗଲାକାଏଲ୍ ସଞ୍ଝେ ତାଙ୍କୁ ମୁମ୍ବାଇର ଗୁଟେ ଘରୋଇ ହସ୍ପିଟାଲ୍ ନ ଭର୍ତି କରାଯାଇଥିଲା । ତାଙ୍କର୍ ବିୟୋଗଥି ସଂଗୀତ ଜଗତଥି ଶୋକର ଛାୟା ଖେଲି ଯାଇଛେ ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକ ପ୍ରକାଶ୍ କରିକରି କହିଛନ୍, ଦଶନ୍ଧୀ ଧରିକରି ତାଙ୍କର ସଂଗୀତ ଯାତ୍ରା ଆମର୍ ସଂସ୍କୃତି ଆଉ ଐତିହ୍ୟକେ ସମୃଦ୍ଧ କରିଛେ । ଆଶାଜୀଙ୍କର୍ ଗୀତମାନେ ଜନସାଧାରଣ୍‌ଙ୍କର୍ ଜୀବନ୍‌ଥି ସବୁଦିନର୍ ଲାଗି ପ୍ରତିଧ୍ୱନିତ ହେବା ବଲି ଶ୍ରୀ ମୋଦୀ କହିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଶା ଭୋସ୍‌ଲେଙ୍କର୍ ପରଲୋକ୍‌ଥି ଗଭୀର୍ ଶୋକପ୍ରକାଶ୍ କରିକରି କହିଛନ୍, ତାଙ୍କର୍ କଣ୍ଠସ୍ୱର ଆଏବା ପିଢ଼ିକେ ଅନୁପ୍ରାଣିତ୍ କର୍‌ବା । ତାଙ୍କର୍ ସ୍ୱରଥି ଭାବନା ଆଉ ଅନୁଭବ୍‌ର ଯାଦୁ ରହିଥିଲା । ଇ ବାବ୍‌ଦେ ଶୁନୁନ୍ ଗୁଟେ ଖାସ୍ ଉପସ୍ଥାପନା ।

(ଭଏସ୍ ଓଭର୍-ସୁପ୍ରିତୀ ମିଶ୍ର)

୧୯୩୩ ମସିହାଥି ସେତେବେଲର୍ ବ୍ରିଟିଶ୍ ସାମ୍ରାଜ୍ୟର୍ ମହାରାଷ୍ଟ୍ରର୍ ସାଙ୍ଗ୍ଲୀ ଠାନେ ଜନମ୍ ହେଇଥିବା ଆଶା ଭୋସ୍ଲେଙ୍କୁ ଆଧୁନିକ୍ ଭାରତୀୟ ସଂଗୀତ୍ର ଝନେ ଶ୍ରେଷ୍ଠ କଣ୍ଠଶିଳ୍ପୀ କୁହାଯାଏସି । ୧୯୪୩ ମସିହାଥି ତାଙ୍କର୍ ପହେଲା ଚଳଚ୍ଚିତ୍ର ଗୀତ ରେକର୍ଡ଼ କରାଯାଇଥିଲା । ୧୯୫୦ ଦଶକ୍ତକ୍ ସେ ହିନ୍ଦୀ ଚଳଚ୍ଚିତ୍ର ଜଗତ୍ ନ ଝନେ ପାର୍ଶ୍ୱ ଗାୟିକା ଭାବେ ନିଜର୍ ଖାସ୍ ପରିଚୟ ବନେଇ ପାରିଥିଲେ ।

ଶ୍ରେଷ୍ଠ ଚଳଚ୍ଚିତ୍ର ପଚ୍ଛଦପଟ ଗାୟିକା ଭାବେ ସାତ ଥର୍ ଫିଲ୍ମଫେୟାର ଆୱାର୍ଡ଼ ପାଏବାର୍ ସହେତେ ୨୦୦୦ ମସିହାଥି ସାରା ଜୀବନ୍ ସାଧନା ଲାଗି ଦାଦାସାହେବ ଫାଲ୍କେ ପୁରସ୍କାର୍ଥି ତାଙ୍କୁ ସମ୍ମାନୀତ କରାଯାଇଥିଲା । ୨୦୦୮ ମସିହାଥି ତାଙ୍କୁ ଭାରତ୍ ସର୍କାର୍ଙ୍କର୍ ତର୍ଫୁ ପଦ୍ମ ବିଭୂଷଣ୍ ପୁରସ୍କାର୍ ଦିଆଯାଇଥିଲା । ୨୦ ନୁ ଅଏତ୍କା ଭାଷା ଆଉ ୧୨ ହଜାର୍ନୁ ଅଏତ୍କା ଗୀତଥି ସେ କଣ୍ଠଦାନ୍ କରିଛନ୍ । ହିନ୍ଦୀ, ବଙ୍ଗଳା, ତେଲୁଗୁ ଆଉ ଓଡ଼ିଆଥି କଣ୍ଠଦାନ୍ କରିକରି ସେ ସଂଗୀତ୍ ପ୍ରେମୀମାନ୍କର୍ ମନ୍ ଭିତ୍ରେ ଗୁଟେ ଖାସ୍ ଜାଗା ବନେଇଛନ୍ । ଆସୁନ୍ ଶୁନ୍ମା ସ୍ୱର ସାମ୍ରାଜ୍ଞୀଙ୍କର୍ କେତେଟା ଅଭୁଲା ଗୀତ୍ ।

(ଗୀତ...........)

୯୦ ଦଶକ୍‌ର ସେ ଗାଇଥିବା ବହୁତ୍‌ଟେ କାଳଜୟୀ ଗୀତ ଆଏଜ୍ ଭିଲ୍ ସଂଗୀତ୍ ପ୍ରେମୀମାନେ ଭୁଲି ନାଇଁପାର୍‌ବାର୍ । ବିଶିଷ୍ଟ ଗାୟିକା ଆଶା ଭୋସ୍‌ଲେଙ୍କର୍ ମୃତ୍ୟୁଥି ଝନେ ବ୍ୟକ୍ତି ନୁହେଁ, ଗୁଟେ ଯୁଗର୍ ଅବସାନ୍ ହେଇଛେ । ଆଏବା କାଏଲ୍ ଉପର୍‌ବେଲା ମୁମ୍ବାଇର ଶିବାଜୀ ପାର୍କ ଠାନେ ତାଙ୍କର୍ ଶେଷକୃତ କରାଯିବା ବଲି ଜନାପଡ଼ିଛେ । ଆକାଶ୍‌ବାଣୀ ସମ୍ବାଦ ବିଭାଗ୍ ତର୍‌ଫୁ ମୁଇଁ ସୁପ୍ରିତୀ ମିଶ୍ର ।

ଓଡ଼ିଆ ପକ୍ଷ ଆର୍‌ଏନ୍‌ୟୁ/ ସମ୍ବଲପୁର/ସୁବର୍ଣ୍ଣପୁର୍

ଓଡ଼ିଆ ପକ୍ଷ ପାଲନ୍‌ର **୧୨** ନମ୍ବର୍ ଦିନେ ଆଏଜ୍ ‘ବନ୍ଦନୀୟ ବରପୁତ୍ର’ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଉଛେ । ଓଡ଼ିଆ ଜାତିର୍ ସ୍ୱାଭିମାନ୍ ଆଉ ସମୃଦ୍ଧ ସଂସ୍କୃତିର୍ ମୂଳଦୂଆ ପକେଇଥିବା ଆମର୍ ବରପୁତ୍ର ମାନ୍‌କୁ ସମ୍ମାନ୍ ଜନବାର୍ ଲାଗି ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ୍ ଆୟୋଜିତ ହେଉଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପୂର୍ବଜ ମାନ୍‌କର୍ ବୀର ଗାଥା ଆଉ ତ୍ୟାଗ୍‌କେ ସୁର୍‌ତା

କର୍‌ବାର୍ ସହେତେ ଗୁଟେ ସମୃଦ୍ଧ ଓଡ଼ିଶା ଗଠନ୍‌ର ସଂକଳ୍ପ ନେବାର୍ ଲାଗି ଆହ୍ୱାନ୍ ଦେଇଛନ୍ ।

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଇ ଅବ୍‌ସରେ ବରପୁତ୍ର ମାନ୍‌କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରାଯିବାର୍ ସହେତେ ଶ୍ରଦ୍ଧାଞ୍ଜଳି ଦିଆଯାଇଛେ । ସର୍‌କାରୀ କାର୍ଯ୍ୟାଳୟ ଆଉ ବେସର୍‌କାରୀ ପ୍ରତିଷ୍ଠାନ୍ ତର୍‌ଫୁ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଉଛେ ।

ବନ୍ଦନୀୟ ବରପୁତ୍ର ସୁବର୍ଣ୍ଣପୁର/ ବର୍‌ଗଡ଼୍/ ବୌଦ୍ଧ/ କଲାହାଣ୍ଡି

ବର୍‌ଗଡ଼୍ ଜିଲ୍ଲା ପିଏମ୍‌ଶ୍ରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସର୍ ନ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଅତିରିକ୍ତ ଜିଲ୍ଲାପାଲ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଓଡ଼ିଶାର୍ ସବୁ ବବନ୍ଦନୀୟ ବରପୁତ୍ର ମାନ୍‌କୁ ଶ୍ରଦ୍ଧାସୁମନ୍ ଅର୍ପଣ୍ କରିଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ନ ହେଇଥିବା ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ ।

ଜିଲ୍ଲା ସଂସ୍କୃତି ଭବନ୍ ନ ହେଇଥିବା କାର୍ଯ୍ୟକ୍ରମ୍ଥି ଅତିଥିମାନେ ବରପୁତ୍ରମାନ୍କୁ ସୁର୍ତା କରିଛନ୍ ।

ବୌଦ୍ଧ ଜିଲ୍ଲା ମ୍ୟୁଜିୟମ୍ ଠାନେ ଆଏଜ୍ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍କେ ଉଦ୍ଘାଟନ୍ କରିଥିଲେ ।

କଲାହାଣ୍ଡି ଜିଲ୍ଲା ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପରିସର୍ ନ ଜିଲ୍ଲା ପ୍ରଶାସନ୍ ତର୍ଫୁ ଓଡ଼ିଶାର୍ ବରପୁତ୍ର ମାନ୍କର୍ ଉପ୍ରେ ଆଲୋଚନାଚକ୍ର ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍ସରେ ହେଇଥିବା କବିତା ପାଠୋତ୍ସବ୍ଥି ୧୨ ନୁ ଅଏତ୍କା କବି ଯୋଗ୍ ଦେଇକରି ବରପୁତ୍ରମାନ୍କର୍ ବଳିଦାନ୍ ବାବ୍ଦେ କବିତା ପାଠ କରିଥିଲେ ।

ବନ୍ଦନୀୟ ବରପୁତ୍ର ସୁବର୍ଣ୍ଣପୁର/ ବର୍ଗଡ଼୍/ ବୌଦ୍ଧ/ କଲାହାଣ୍ଡି

ବର୍ଗଡ଼୍ ଜିଲ୍ଲା ପିଏମ୍ଶ୍ରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସର୍ ନ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍ସରେ

ଅତିରିକ୍ତ ଜିଲ୍ଲାପାଳ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଓଡ଼ିଶାର୍ ସବୁ ବବନ୍ଦନୀୟ ବରପୁତ୍ର ମାନ୍‌କୁ ଶ୍ରଦ୍ଧାସୁମନ୍ ଅର୍ପଣ୍ କରିଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ନ ହେଇଥିବା ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଳ୍‌ଙ୍କର୍ ଅଧକ୍ଷତାଥି ହେଇଯାଇଛେ । ଜିଲ୍ଲା ସଂସ୍କୃତି ଭବନ୍ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ଅତିଥିମାନେ ବରପୁତ୍ରମାନ୍‌କୁ ସୁର୍‌ତା କରିଛନ୍ ।

ବୌଦ୍ଧ ଜିଲ୍ଲା ମ୍ୟୁଜିୟମ୍ ଠାନେ ଆଏଜ୍ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଳ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିଥିଲେ ।

କଲାହାଣ୍ଡି ଜିଲ୍ଲା ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଲୟ ପରିସର୍ ନ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଓଡ଼ିଶାର୍ ବରପୁତ୍ର ମାନ୍‌କର୍ ଉପ୍‌ରେ ଆଲୋଚନାଚକ୍ର ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଳ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦିନୁ ଦିନ୍‌କେ ଖରା ବଢ଼୍‌ବାର୍‌କେ ଲାଗିଛେ । ଜବର୍ ଗରମ୍ ଆଉ ଗୁଲ୍‌ଗୁଲି ଲାଗି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ୧୧ ଟା ଜିଲ୍ଲାକେ ସତର୍କ ସୂଚନା ଜାରି କରାଯାଇଛେ । ସମୁଦ୍ର ଖଁଡ଼ି ଇଲାକାର୍ ଗୁଟେ ଜୁଡ଼େ ଜାଗା ନ ଦିନର୍ ତାପମାତ୍ରା ୨ ନୁ ୩ ଡିଗ୍ରୀ ବଢ଼ିଥିବାର୍ ଦେଖିବାର୍‌କେ ମିଲିଛେ । ଆଏଜ୍ ଦିନର୍ ସବୁନୁ ଜହ ତାପମାତ୍ରା ଟିଟିଲାଗଡ଼୍ ନ ୪୧ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଥିବାର୍ ବେଲେ । ଝାର୍‌ସୁଗୁଡ଼ା, ସମ୍ବଲ୍‌ପୁର୍, ଭବାନୀପାଟ୍‌ନା, ବଲାଙ୍ଗିର୍ ଜିଲ୍ଲା ନ ତାପମାତ୍ରା ୪୦ ଡିଗ୍ରୀ ଉପ୍‌ରେ ରହିଥିଲା ।